# <u>ଜାତୀୟ ଭୋଟର ସଚେତନତା ପ୍ରତିଯୋଗିତା</u>

ଜାତୀୟ ଭୋଟର ଦିବସ ୨୦୨୨ ଅବସରରେ, ଭାରତର ନିର୍ବାଚନ ଆୟୋଗ ସୃଜନଶୀଳ ଅଭିବ୍ୟକ୍ତି ମାଧ୍ୟମରେ ପ୍ରତ୍ୟେକ ଭୋଟର ଗୁରୁତ୍ୱକୁ ଦୋହରାଇବା ପାଇଁ ରାଷ୍ଟ୍ରୀୟ ମତଦାତା ପ୍ରତିଯୋଗିତା 'ମୋ ଭୋଟ୍ ମୋ ଭବିଷ୍ୟତ- ଗୋଟିଏ ଭୋଟର ଶକ୍ତି' ଶୁଭାରମ୍ଭ କରିଛନ୍ତି | ଭାରତର ନିର୍ବାଚନ ଆୟୋଗଙ୍କ SVEEP (ପଦ୍ଧତିଗତ ଭାବରେ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ) କାର୍ଯ୍ୟକ୍ରମ ଦ୍ୱାରା ଜାତୀୟ ଭୋଟର ସଚେତନତା ପ୍ରତିଯୋଗିତା ଲୋକଙ୍କ ପ୍ରତିଭା ଏବଂ ସୃଜନଶୀଳତାକୁ ଉପଯୋଗ କରିଥାଏ, ଏବଂ ସେମାନଙ୍କର ସକ୍ରିୟ ଯୋଗଦାନ ମାଧ୍ୟମରେ ଗଣତନ୍ତ୍ରକୁ ମଧ୍ୟ ସୁଦୃଢ କରିଥାଏ | ଏହି ପ୍ରତିଯୋଗିତା ସମସ୍ତ ବୟସ ବର୍ଗଙ୍କ ପାଇଁ ଉପଲବ୍ଧ ଅଟେ | ଏହା ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟର ମହତ୍ତ୍ୱର ବିଷୟବସ୍ତୁ ଉପରେ ଧାରଣା ଏବଂ ଏହାକୁ ପାଳନ କରିବାକୁ ଲକ୍ଷ୍ୟ ରଖିଛି | ସମସ୍ତ ୫ଟି ପ୍ରତିଯୋଗିତାର ସମ୍ପୂର୍ଣ୍ଣ ତଥ୍ୟ ପ୍ରତିଯୋଗିତାଙ୍କୁ ପ୍ରଦାନ କରିବା ପାଇଁ ୱେବସାଇଟ୍ (https://ecisveep.nic.in/contest/) ବିକଶିତ କରାଯାଇଛି, ପ୍ରତ୍ୟେକ ପ୍ରତିଯୋଗିତାର ସମ୍ପୂର୍ଣ୍ଣ ତଥ୍ୟ ନିମ୍ନରେ ପ୍ରଦାନ କରାଗଲା ।

ପ୍ରତିଯୋଗିତା ସମୟସୀମା - ଜାନୁଆରୀ ୨୫,୨୦୨୨ - ମାର୍ଚ୍ଚ ୧୫, ୨୦୨୨ |

**ଥିମ୍ ବା ବିଷୟବସ୍ତୁ**: "My Vote is my future: power of one vote" ମୋ ଭୋଟ୍ ହେଉଛି ମୋ ଭବିଷ୍ୟତ: ଗୋଟିଏ ଭୋଟର ଶକ୍ତି"

<u>**ପ୍ରତିଯୋଗିତା:**</u>

**୧.** ପ୍ରଶ୍ନୋତ୍ତର ପ୍ରତିଯୋଗିତା: ପ୍ରଶ୍ନୋତ୍ତର ପ୍ରତିଯୋଗିତା ଦେଶରେ ନିର୍ବାଚନ ପ୍ରକ୍ରିୟାର ସଚେତନତାର ସ୍ତର ମାପିବା ପାଇଁ ପ୍ରତିଯୋଗିଙ୍କର ଜିଜ୍ଞାସାକୁ ଉପଯୋଗ କରେ |

ଦେଶରେ ନିର୍ବାଚନ ପ୍ରକ୍ରିୟା ସମ୍ବନ୍ଧରେ ଅଂଶଗ୍ରହଣକାରୀଙ୍କ ସଚେତନତା ସ୍ତର |

- ଏହି ପ୍ରତିଯୋଗିତାରେ ସମସ୍ତ ବର୍ଗର ଭୋଟର, ଇଲେକ୍ଟୋରାଲ୍ ରୋଲ୍, ଇଭିଏମ୍ ଏବଂ ଭିଭିପିଏଟ୍, ନିର୍ବାଚନ ଆଇନ, ଆଇଟି ପ୍ରୟୋଗ ଏବଂ ଭାରତୀୟ ନିର୍ବାଚନ ଇତିହାସ ସମ୍ବନ୍ଧୀୟ ମୌଳିକ ତଥା ଗୁରୁତ୍ୱପୂର୍ଣ୍ଣ ସୂଚନା ସମ୍ବନ୍ଧୀୟ ପ୍ରଶ୍ନ ରହିବ।

* ପ୍ରଶ୍ନୋତ୍ତର ପ୍ରତିଯୋଗିତାର ୩ ସ୍ତର (ସହଜ, ମଧ୍ୟବର୍ତ୍ତୀ ଏବଂ କଷ୍ଟସାଧ୍ୟ) ରହିଛି ଏବଂ  ପ୍ରତ୍ୟେକଟି ସ୍ତରରେ ୨୦ ଟି ଏକାଧିକ ବିକଳ୍ପ ଥିବା ପ୍ରଶ୍ନ ସହିତ ପ୍ରତ୍ୟେକ ସ୍ତର ପାଇଁ ସର୍ବାଧିକ ୧୦ ମିନିଟ୍ ସମୟ ସୀମା ମଧ୍ୟରେ ଉତ୍ତର ଦେବାକୁ ପଡିବ | ପରବର୍ତ୍ତୀ ସ୍ତରକୁ ଯିବା ପାଇଁ ଅଂଶଗ୍ରହଣକାରୀଙ୍କୁ ପ୍ରତ୍ୟେକ ସ୍ତରରେ ୨୦ ଟି ପ୍ରଶ୍ନର ଅତି କମରେ ୭ ଟି ଉତ୍ତର ଦେବାକୁ ପଡିବ |
* ପ୍ରତିଯୋଗିତାମାନେ ପ୍ରତ୍ୟେକ ସ୍ତର ସମାପ୍ତ ହେବା ପରେ ସ୍କୋରଗୁଡିକ ଯାଞ୍ଚ କରିପାରିବେ ଏବଂ ସେମାନଙ୍କର କାର୍ଯ୍ୟଦକ୍ଷତା ଅନୁଯାୟୀ ଏକ ବ୍ୟାଜ୍ ପାଇବେ ଯାହାକୁ ସେମାନେ ସୋସିଆଲ୍ ମିଡିଆରେ ସେୟାର କରିପାରିବେ | ପ୍ରତିଯୋଗିତାମାନଙ୍କ ଭିତରୁ ଯିଏ ସର୍ବନିମ୍ନ ସମୟ ଭିତରେ ସର୍ବାଧିକ ସ୍କୋର ପାଇଥିବେ ତାଙ୍କୁ ବିଜେତା କରାଯିବ |
* ସମସ୍ତ ତିନୋଟି ସ୍ତରର ପ୍ରଶ୍ନୋତ୍ତର ପ୍ରତିଯୋଗିତା ସମାପ୍ତ ହେବା ପରେ ସମସ୍ତ ପ୍ରତିଯୋଗିଙ୍କୁ ଇ-ସାର୍ଟିଫିକେଟ୍ ଗ୍ରହଣ କରିବେ |

**୨. ସଙ୍ଗୀତ ପ୍ରତିଯୋଗିତା:** ସଙ୍ଗୀତ ପ୍ରତିଯୋଗିତାରେ ଷାସ୍ତ୍ରୀୟ, ସମସାମୟୀକ ଏବଂ ରାପ୍ ଇତ୍ୟାଦି ସହିତ ଯେକୌଣସି ରୂପରେ ଏକ ଗୀତ ମାଧ୍ୟମରେ ସୃଜନଶୀଳ ମନର ପ୍ରତିଭା ଏବଂ ସାମର୍ଥ୍ୟକୁ ବ୍ୟବହାର କରିବାକୁ ଲକ୍ଷ୍ୟ ରଖାଯାଇଛି  |

* ପ୍ରତିଯୋଗିତାମାନେ 'ମୋ ଭୋଟ୍ ମୋ ଭବିଷ୍ୟତ' ସମ୍ବନ୍ଧିତ ବିଷୟ ଉପରେ ମୂଳ ସଙ୍ଗୀତ ରଚନା ତିଆରି କିମ୍ବା ସେୟାର କରିପାରିବେ  |
* କଳାକାର ଏବଂ ଗାୟକମାନେ ନିଜ ପସନ୍ଦର ଯେକୌଣସି ବାଦ୍ୟଯନ୍ତ୍ର ବ୍ୟବହାର କରିପାରିବେ | ଗୀତର ଅବଧି ୩ ମିନିଟରୁ ଅଧିକ ହେବ ନାହିଁ |

**୩. ଭିଡିଓ ତିଆରି ପ୍ରତିଯୋଗିତା:** ଭିଡିଓ ତିଆରା ପ୍ରତିଯୋଗିତା କ୍ୟାମେରା ପ୍ରେମୀଙ୍କୁ ଏକ ଭିଡିଓ ତିଆରି କରିବାକୁ ସୁଯୋଗ ପ୍ରଦାନ କରେ ଯାହା ଭାରତୀୟ ନିର୍ବାଚନର ବିବିଧତା ଏବଂ ଉତ୍ସବକୁ ପାଳନ କରିଥାଏ |

• ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ବ୍ୟତୀତ, ନିମ୍ନଲିଖିତ ବିଷୟବସ୍ତୁଗୁଡିକ ମଧ୍ୟ ପ୍ରତିଯୋଗିଙ୍କ  ଦ୍ୱାରା ଅନୁସନ୍ଧାନ କରାଯାଇପାରିବ: ସୂଚନାଯୋଗ୍ୟ ଏବଂ ନୈତିକ ଭୋଟିଂର ମହତ୍ତ୍ୱ (ପ୍ରଲୋଭନ ମୁକ୍ତ ଭୋଟିଂ) ଏବଂ ଭୋଟର ଶକ୍ତି: ମହିଳା, ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ଯୁବକ ଏବଂ ପ୍ରଥମ ଥର ଭୋଟରଙ୍କ ପାଇଁ ଭୋଟ୍ ଦେବାର ଗୁରୁତ୍ୱ ପ୍ରଦର୍ଶନ |

• ପ୍ରତିଯୋଗିତାମାନେ ଉପରୋକ୍ତ  ଯେକୌଣସି ବିଷୟବସ୍ତୁ ଉପରେ ଏକ ଭିଡିଓ ତିଆରି କରିପାରିବେ ଏବଂ ଭିଡିଓଟି କେବଳ ଏକ ମିନିଟ ଅବଧିର ହେବା ଦରକାର |

**୪. ପୋଷ୍ଟର ତିଆରି ପ୍ରତିଯୋଗିତା:** ଏହି ପ୍ରତିଯୋଗିତା କଳା ଏବଂ ଡିଜାଇନ୍ ଉତ୍ସାହୀମାନଙ୍କ ପାଇଁ ଉଦ୍ଦିଷ୍ଟ ଅଟେ ଯେଉଁମାନେ ଉପରୋକ୍ତ ପ୍ରତିଯୋଗିତା ବିଷୟବସ୍ତୁ ଉପରେ ମନକୁ ଆନ୍ଦୋଳିତ କଲାଭଳି ପୋଷ୍ଟର ତିଆରି କରିପାରିବେ |

• ଆୟୋଗଙ୍କର ମଲ୍ଟିମିଡ଼ିଆ ଭୋଟର ସଚେତନତା ଅଭିଯାନରେ ମଧ୍ୟ ଡିଜାଇନ୍ ଗୁଡିକ ଅନ୍ତର୍ଭୁକ୍ତ କାରାଯାଇ ପାରେ |

• ପ୍ରତିଯୋଗିତାମାନେ ବିଷୟବସ୍ତୁ ଉପରେ ଏକ ଡିଜିଟାଲ୍ ପୋଷ୍ଟର, ସ୍କେଚ୍, କିମ୍ବା ଚିତ୍ରିତ ପୋଷ୍ଟର ଦାଖଲ କରିପାରିବେ | ପୋଷ୍ଟରଟି ଭଲ ରିଜୋଲ୍ୟୁସନ୍ ହେବା ଉଚିତ୍ |

୫. **ସ୍ଲୋଗାନ ପ୍ରତିଯୋଗିତା**: ଯେପରି ଉଦ୍ଧୃତ ଅଛି  'କଲମ ଖଣ୍ଡାଠାରୁ ଅଧିକ ଶକ୍ତିଶାଳୀ', ପ୍ରତିଯୋଗିତାଟି ସେହି ସମସ୍ତ ପ୍ରତିଯୋଗିଙ୍କଠାରୁ ଆବେଦନ ଗୁଡ଼ିକୁ ଆମନ୍ତ୍ରଣ କରିଥାଏ, ଯେଉଁମାନେ ନିଜ ଶବ୍ଦ ମାଧ୍ୟମରେ ଲୋକଙ୍କୁ ପ୍ରେରଣା ଦେବାରେ ସିଦ୍ଧହସ୍ତ ଅଟନ୍ତି |

**ପ୍ରତିଯୋଗିତା ବର୍ଗ ଗୁଡିକ:**

ଗୀତ ପ୍ରତିଯୋଗିତା, ଭିଡିଓ ତିଆରି ପ୍ରତିଯୋଗିତା ଏବଂ ପୋଷ୍ଟର ଡିଜାଇନ୍ ପ୍ରତିଯୋଗିତାକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି:

୧. ଅନଭିଜ୍ଞ

୨. ପେଶାଦାର

୩. ଅନୁଷ୍ଠାନିକ

ପ୍ରତିଯୋଗିତାମାନେ ନିମ୍ନଲିଖିତ ଯେକୌଣସି ବର୍ଗରେ ଅଂଶଗ୍ରହଣ କରିପାରିବେ:

**ଅନଭିଜ୍ଞ:** ଜଣେ ବ୍ୟକ୍ତି ଯିଏ ନିଜର ସୌକ ପାଇଁ,  ସୃଜନଶୀଳ ଅଭିବ୍ୟକ୍ତି ପାଇଁ ଗୀତ / ଭିଡିଓ ତିଆରି / ପୋଷ୍ଟର ଡିଜାଇନ୍ କରେ, କିନ୍ତୁ ତାଙ୍କର ମୁଖ୍ୟ ଆୟର ଉତ୍ସ ଅନ୍ୟ  କୌଣସି ଉପାୟରୁ ବିବେଚନା କରାଯାଏ|

**ପେଶାଦାର:** ଜଣେ ବ୍ୟକ୍ତି ଯାହାର ଜୀବିକା ନିର୍ବାହର ମୂଳ ଉତ୍ସ ହେଉଛି ଗୀତ / ଭିଡିଓ ତିଆରି / ପୋଷ୍ଟର ଡିଜାଇନ୍ କିମ୍ବା ଯେକୌଣସି ରୂପରେ କାମ କରିବା, ଯେଉଁଠାରେ ଗୀତ / ଭିଡିଓ ତିଆରି / ପୋଷ୍ଟର ଡିଜାଇନ୍ ମାଧ୍ୟମ ହେଉଛି ରାଜସ୍ୱର ମୁଖ୍ୟ ଉତ୍ସ - ଏହାକୁ 'ପେଶାଦାର' ଭାବରେ ବିବେଚନା କରାଯାଏ | ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯଦି ମନୋନୀତ ହୁଅନ୍ତି ତେବେ  ପ୍ରତିଯୋଗି ପେଶାଦାର ବର୍ଗର ପ୍ରମାଣ ସ୍ୱରୂପ ଗୋଟିଏ ପ୍ରମାଣପତ୍ର ଦାଖଲ କରିବାକୁ ପଡିବ |

**ଅନୁଷ୍ଠାନିକ:** ସଂପୃକ୍ତ କେନ୍ଦ୍ର କିମ୍ବା ରାଜ୍ୟ ସରକାରୀ ଅଧିନିୟମ ଅନୁଯାୟୀ ପଞ୍ଜିକୃତ ବିଦ୍ୟାଳୟ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନ ଭଳି ଶିକ୍ଷାନୁଷ୍ଠାନଗୁଡ଼ିକ ଅନୁଷ୍ଠାନ ବର୍ଗରେ ଅଂଶଗ୍ରହଣ କରିପାରିବେ |

**କିପରି ଅଂଶଗ୍ରହଣ କରିବେ:**

- ପ୍ରତିଯୋଗିମାନେ ପ୍ରତିଯୋଗିତା ସମ୍ବନ୍ଧିତ ୱେବସାଇଟରୁ ବିସ୍ତୃତ ନିୟମ ଏବଂ ନିୟମାବଳୀ ବିଷୟରେ ଜାଣିପାରିବେ|

(https://ecisveep.nic.in/ ପ୍ରତିଯୋଗିତା /)

ପ୍ରତିଯୋଗୀ ୱେବସାଇଟ୍ ପରିଦର୍ଶନ କରିବାକୁ QR କୋଡ୍ କୁ ସ୍କାନ୍ କରନ୍ତୁ |

- ପ୍ରତିଯୋଗୀ ତାଙ୍କ ନାମ, ଠିକଣା, ଏବଂ ଫୋନ୍ ନମ୍ବର ସହିତ ଆବେଦନର ସଂକ୍ଷିପ୍ତ ବର୍ଣ୍ଣନା ଦେବେ |
- ପ୍ରତିଯୋଗୀ ଭୋଟର- voter-contest@eci.gov.in କୁ ସବିଶେଷ ବିବରଣୀ ସହିତ ଆବେଦନ ଗୁଡ଼ିକୁ ଇମେଲ କରିବେ । <contest> ଏବଂ <category> ର ନାମ ଯାହା ପାଇଁ ଅଂଶଗ୍ରହଣକାରୀ ଆବେଦନ କରୁଛନ୍ତି ତାହା ଇମେଲ ପ୍ରସଙ୍ଗରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯିବ |
- ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଭାଗ ନେବାକୁ ପ୍ରତିଯୋଗିମାନଙ୍କୁ ପ୍ରତିଯୋଗିତା ସମ୍ବନ୍ଧିତ ୱେବସାଇଟରେ ପଞ୍ଜୀକରଣ କରିବାକୁ ପଡିବ |

**ପୁରସ୍କାର ଏବଂ ପରାମର୍ଶ**:

- ଗୀତ ପ୍ରତିଯୋଗିତା, ଭିଡିଓ ତିଆରି ପ୍ରତିଯୋଗିତା, ଏବଂ ପୋଷ୍ଟର ଡିଜାଇନ୍ ପ୍ରତିଯୋଗିତାକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି: ଅନୁଷ୍ଠାନିକ, ପେଶାଦାର ଏବଂ ଅନଭିଜ୍ଞ | ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ତିନି ବିଜେତାଙ୍କୁ ଆକର୍ଷଣୀୟ ନଗଦ ପୁରସ୍କାର ପ୍ରଦାନ କରାଯିବ | ଏହା ସହିତ, ପ୍ରତ୍ୟେକ ବର୍ଗରେ ଏକ ବିଶେଷ ଉଲ୍ଲେଖ ବର୍ଗରେ ନଗଦ ପୁରସ୍କାର ମିଳିବ | ଅନୁଷ୍ଠାନିକ ବର୍ଗରେ ୪ ଟି ବିଶେଷ ଉଲ୍ଲେଖ ଥିବାବେଳେ ପେଶାଦାର ଓ ଅନଭିଜ୍ଞ ବର୍ଗରେ ୩ ଟି ବିଶେଷ ଉଲ୍ଲେଖ ରହିବ|

**ଗୀତ ପ୍ରତିଯୋଗିତା**

| ଶ୍ରେଣୀ | ପ୍ରଥମ ପୁରସ୍କାର | ଦ୍ୱିତୀୟ ପୁରସ୍କାର | ତୃତୀୟ ପୁରସ୍କାର | ବିଶେଷ ଉଲ୍ଲେଖ |
|---|---|---|---|---|
| ଅନୁଷ୍ଠାନିକ | ୧,୦୦,୦୦୦ | ୫୦,୦୦୦ | ୩୦,୦୦୦ | ୧୫,୦୦୦ |
| ପେଶାଦାର | ୫୦,୦୦୦ | ୩୦,୦୦୦ | ୨୦,୦୦୦ | ୧୦,୦୦୦ |
| ଅନଭିଜ୍ଞ | ୨୦,୦୦୦ | ୧୦,୦୦୦ | ୭,୫୦୦ | ୩,୦୦୦ |

**ଭିଡିଓ ତିଆରି ପ୍ରତିଯୋଗିତା**

| ଶ୍ରେଣୀ | ପ୍ରଥମ ପୁରସ୍କାର | ଦ୍ୱିତୀୟ ପୁରସ୍କାର | ତୃତୀୟ ପୁରସ୍କାର | ବିଶେଷ ଉଲ୍ଲେଖ |
|---|---|---|---|---|
| ଅନୁଷ୍ଠାନିକ | ୨,୦୦,୦୦୦ | ୧,୫୦,୦୦୦ | ୭୫,୦୦୦ | ୩୦,୦୦୦ |
| ପେଶାଦାର | ୫୦,୦୦୦ | ୩୦,୦୦୦ | ୨୦,୦୦୦ | ୧୦,୦୦୦ |
| ଅନଭିଜ୍ଞ | ୩୦,୦୦୦ | ୨୦,୦୦୦ | ୧୦,୦୦୦ | ୫,୦୦୦ |

**ପୋଷ୍ଟର ଡିଜାଇନ୍ ପ୍ରତିଯୋଗିତା**

| ଶ୍ରେଣୀ | ପ୍ରଥମ ପୁରସ୍କାର | ଦ୍ୱିତୀୟ ପୁରସ୍କାର | ତୃତୀୟ ପୁରସ୍କାର | ବିଶେଷ ଉଲ୍ଲେଖ |
|---|---|---|---|---|
| ଅନୁଷ୍ଠାନିକ | ୫୦,୦୦୦ | ୩୦,୦୦୦ | ୨୦,୦୦୦ | ୧୦,୦୦୦ |
| ପେଶାଦାର | ୩୦,୦୦୦ | ୨୦,୦୦୦ | ୧୦,୦୦୦ | ୫,୦୦୦ |
| ଅନଭିଜ୍ଞ | ୨୦,୦୦୦ | ୧୦,୦୦୦ | ୫,୦୦୦ | ୩,୦୦୦ |

**ସ୍ଲୋଗାନ ପ୍ରତିଯୋଗିତା:**

- ପ୍ରଥମ ପୁରସ୍କାର- ୨୦,୦୦୦ ଟଙ୍କା ; ଦ୍ୱିତୀୟ ପୁରସ୍କାର – ୧୦,୦୦୦ ଟଙ୍କା; ତୃତୀୟ ପୁରସ୍କାର- ୭,୫00 ଟଙ୍କା | ବିଶେଷ କୃତୀ ପାଇଁ ପଚାଶ ଜଣ ପ୍ରତିଯୋଗିଙ୍କୁ ୨,୦୦୦ ଟଙ୍କାକ ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ପ୍ରଦାନ କରାଯିବ|

**ପ୍ରଶ୍ନୋତ୍ତର ପ୍ରତିଯୋଗିତା**

- ବିଜେତାମାନଙ୍କୁ ଉତ୍ସାହଜନକ ECI ବାଣିଜ୍ୟ ପଦାର୍ଥ ଦିଆଯିବ ଏବଂ ପ୍ରତିଯୋଗିତାର ସମସ୍ତ ତିନୋଟି ସ୍ତର ସମାପ୍ତ ହେବା ପରେ ସମସ୍ତ ପ୍ରତିଯୋଗିଙ୍କୁ ଇ-ସାର୍ଟିଫିକେଟ୍ ପ୍ରଦାନ କରାଯିବ |

**ସାଧାରଣ ସର୍ତ୍ତାବଳୀ ଏବଂ ସର୍ତ୍ତଗୁଡିକ:**

- ସମସ୍ତ ଆବେଦନ ଗୁଡିକ ମାର୍ଚ୍ଚ ୧୫, ୨୦୨୨ ସୁଦ୍ଧା ଇମେଲ ID-voter-contest@eci.gov.in ରେ ଦାଖଲ ହେବ |

- ଯେକୌଣସି  ଆବେଦନ ଯଦି ଆପତ୍ତିଜନକ କିମ୍ବା ଅନୁପଯୁକ୍ତ ଭାଷା ଧାରଣ କରିଥିବ, କିମ୍ବା ରାଜନୈତିକ ସନ୍ଦର୍ଭ ଯୁକ୍ତ ହୋଇଥିବ କିମ୍ବା ନିର୍ଦ୍ଦିଷ୍ଟ ସଂସ୍କୃତି କିମ୍ବା ସମ୍ପ୍ରଦାୟ ବା ଧର୍ମ ବିରୁଦ୍ଧରେ ଅଶ୍ଳୀଳ, କିମ୍ବା ଜାତିଭିତ୍ତିକ ବିଷୟବସ୍ତୁ ଧାରଣ କରିଥିବ ତାହା ଗ୍ରହଣ କରାଯିବ ନାହିଁ |
- ପ୍ରତି ପ୍ରତିଯୋଗୀଙ୍କୁ ଗୋଟିଏ ଲେଖାଏଁ ଆବେଦନ ଦାଖଲ କରିବାକୁ ଅନୁମତି ଦିଆଯାଇଛି| ଯଦି ଏହା ଜଣାପଡେ ଯେ କୌଣସି ପ୍ରତିଯୋଗି ଗୋଟିଏରୁ ଅଧିକ ଆବେଦନ ଦାଖଲ କରିଛନ୍ତି, ଉକ୍ତ ପ୍ରତିଯୋଗିଙ୍କ ଆବେଦନ ଅବୈଧ ବୋଲି ଧରାଯିବ |
- ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀ ଅନୁଯାୟୀ ଭିଡିଓ, ଗୀତ ଏବଂ ସ୍ଲୋଗାନ ପ୍ରତିଯୋଗିତା ପାଇଁ କୌଣସି ସରକାରୀ ଭାଷାରେ ଦିଆଯାଇପାରେ | (ଏଠାରେ ୨୨ ଟି ସରକାରୀ ଭାଷା ଅଛି ଯଥା :- ଆସାମୀ, ବେଙ୍ଗଲୀ, ଗୁଜରାଟୀ, ହିନ୍ଦୀ, କନ୍ନଡ, କାଶ୍ମୀରୀ, କୋଙ୍କାନି, ମାଲାୟାଲମ୍, ମଣିପୁରୀ, ମରାଠୀ, ନେପାଳୀ, ଓଡିଆ, ପଞ୍ଜାବୀ, ସଂସ୍କୃତ, ସିନ୍ଧି, ତାମିଲ, ତେଲୁଗୁ, ଉର୍ଦ୍ଦୁ, ବୋଡୋ, ସନ୍ଥାଲି, ମୈଥିଳି ଏବଂ ଡୋଗ୍ରି) | ଆବଦନ ଗୁଡିକ ବୋଧଗମ୍ୟ ହେବା ପାଇଁ ଉପଯୁକ୍ତ ସବ୍-ଟାଇଟଲ୍ ଅନ୍ତର୍ଭୂକ୍ତ ହେବା ଜରୁରୀ।
- ଭାରତର ନିର୍ବାଚନ ଆୟୋଗ ପ୍ରତିଯୋଗିତାର ସମସ୍ତ କିମ୍ବା କୌଣସି ଅଂଶକୁ ବାତିଲ କିମ୍ବା ପ୍ରତିଯୋଗିତାର ସର୍ତ୍ତାବଳୀ ସଂଶୋଧନ କରିବାର ଅଧିକାର ସଂରକ୍ଷଣ କରିଛନ୍ତି |
- ଯେକୌଣସି ବିବାଦ କିମ୍ବା ଏହି ପ୍ରତିଯୋଗିତା ସହ ଜଡିତ କୌଣସି ପ୍ରସଙ୍ଗ ନିର୍ବାଚନ ଆୟୋଗ ଦ୍ୱାରା ସ୍ଥିର କରାଯିବ |
- କୌଣସି ଚୋରୀ ନୁହେଁ - କେବଳ ମୂଳ ଖଣ୍ଡ | ଦୟାକରି ଧ୍ୟାନ ଦିଅନ୍ତୁ ଯେ କାର୍ଯ୍ୟଟି ମୂଳ ଏବଂ ଭାରତୀୟ କପିରାଇଟ୍ ଆକ୍ଟ, ୧୯୫୭ ର କୌଣସି ବ୍ୟବସ୍ଥାକୁ ଉଲ୍ଲଂଘନ କରିବା ଉଚିତ୍ ନୁହେଁ |
- ଦାଖଲ ହୋଇଥିବା ଆବେଦନ ଗୁଡିକ ଭାରତର ନିର୍ବାଚନ ଆୟୋଗର ଏକମାତ୍ର ସମ୍ପତ୍ତି ହେବ,ଯେକୌଣସି ଉଦ୍ଦେଶ୍ୟରେ ଏହାକୁ ଉପଯୁକ୍ତ ବିବେଚନା କରିବା ଏବଂ ବ୍ୟବହାର କରିବାର ଅଧିକାର ଭାରତର ନିର୍ବାଚନ ଆୟୋଗଙ୍କର ଅଟେ |
- ଭାରତର ନିର୍ବାଚନ ଆୟୋଗ ଦ୍ୱାରା ଗଠିତ ଏକ ଖଣ୍ଡପୀଠ ଦ୍ୱାରା ଆବେଦନ ଗୁଡ଼ିକର ବିଚାର କରାଯିବ।
- ଆବେଦନ ଗୁଡିକର ପୁନଃମୂଲ୍ୟାଙ୍କନ ପାଇଁ କୌଣସି ଅନୁରୋଧ  ଗ୍ରହଣ କରାଯିବ ନାହିଁ ।